# ମାଗୁଣୀର ଶଗଡ଼

ଖଲିକୋଟର ଦୁଇଲକ୍ଷ ପ୍ରଜାଙ୍କ ଭିତରେ ପ୍ରତିଦିନ ଯିବାଆସିବା ଚାଲିଛି । କେତେ ସଂସାରରୁ ଯାଉଛନ୍ତି, କେତେ ସଂସାରକୁ ଆସୁଛନ୍ତି । ଏ ଖବର ରଖୁଛନ୍ତି ଗୃହପରିବାର ବା ସାଇପଡ଼ିଶାର ଲୋକେ; କିନ୍ତୁ ଯେଉଁ ଦିନ ମାଗୁଣୀ ଏ ସଂସାର ଛାଡ଼ି ଚାଲିଗଲା ସେଦିନ ଖବରଟା ଖଲିକୋଟର ପୁରପଲ୍ଲୀ ସବୁଆଡ଼େ ବ୍ୟାପିଗଲା । ଯେ ଶୁଣିଲା ସେ ମୁହୂର୍ତ୍ତେ ହେଲେ ନୀରବ ରହି ଦୁଃଖରେ କହିଲା - ମାଗୁଣୀ ଚାଲିଗଲା ? ଆହା ! ବିଚରା ଚାଲିଗଲା !!

ମାଗୁଣୀ କିଏ ? ଖଲିକୋଟର ସେ ରାଜା ନୁହେଁ, ଏ କଥା ନିଶ୍ଚୟ । ସେ ରାଜ୍ୟର ନେତା ନୁହେଁ, ଏ କଥା ସମସ୍ତେ କହିବେ । ସେ କର୍ମୀ ନୁହେଁ, ଏ କଥା ସମସ୍ତେ ଜାଣନ୍ତି । ସେ କେବେ ସତ୍ୟାଗ୍ରହରେ ଯୋଗଦେଇନାହିଁ କି ରଜାକୁ ଖଜଣା ଦେଇନାହିଁ । ତା' ବେକରେ କିଏ ଫୁଲମାଳ ଲମ୍ବାଇନାହିଁ କି ସେ କାହା ଗଳାରେ ମାଳା ଲମ୍ବାଇଦେବା ଦରକାର ପଡ଼ିନାହିଁ; ଜନସମୁଦ୍ର ଭିତରେ କରତାଳି ଗହଳରେ ବକ୍ତୃତା ଦେଇନାହିଁ, କି ଦିଅଁଦେଉଳରେ ପରଜନ୍ମରେ ସ୍ୱର୍ଗଲାଭ ପାଇଁ ଜପତପ କରିନାହିଁ । ସେ କେବଳ କରିଛି ଗୋଟିଏ କାମ - ମୁଣ୍ଡର ଝାଳ ତୁଣ୍ଡରେ ମାରି ଜୀବନପଥରେ ଲଢ଼େଇ କରିଛି । ସେ ଲଢ଼େଇ ଦେଶପାଇଁ ନୁହେଁ, ଜାତିପାଇଁ ନୁହେଁ; ତାହା ନିଜର ପେଟଚାଖଣ୍ଡକ ପାଇଁ । ତଥାପି, ମାଗୁଣୀର ମୃତ୍ୟୁଖବର ପାଇ ସମସ୍ତେ କହିଲେ - ଆହା ! ବିଚରା ଚାଲିଗଲା !

ଗଡ଼ରେ ପଚାରିଲେ ତ ସମସ୍ତେ କହିବେ ମାଗୁଣୀ କିଏ, ଦୂର ଜଙ୍ଗଲ ତଳ ପଲ୍ଲୀ ଗାଁରେ ମଧ୍ୟ ତା' ର ପରିଚୟ ମିଳିପାରିବ । ମାଗୁଣୀ ଖଲିକୋଟର କେହି ନୁହେଁ; ସେ ଜଣେ ଶଗଡ଼ିଆ । ଦୁଇଟା ବଳଦ ଓ ସେ; ଏ ତିନି ମିଶି ଗୋଟାଏ ସଂଘ ଗଢ଼ିଥିଲେ, ଯାହା କି ଦୁଇଲକ୍ଷ ଲୋକଙ୍କ ମନକୁ ଛୁଇଁଗଲା ।

ପ୍ରତିଦିନ ଖଲିକୋଟ ଗଡ଼ରେ ସୂର୍ଯ୍ୟ ଉଏଁ ଓ ଅସ୍ତ ହୁଏ । ଘନଘୋର ବର୍ଷାଦିନେ ଲୋକେ ସୂର୍ଯ୍ୟ ନଦେଖି ମାଗୁଣୀକି ଦେଖି ବେଳ ଜାଣନ୍ତି । ମାଘ ମାସର ଜାଡ଼ରେ ପିଣ୍ଡାରେ ଘୋଡ଼ିଘାଡ଼ି ହୋଇ ଲୋକେ ବସିଥିଲାବେଳେ ମାଗୁଣୀ ନିଜ ପରିଚିତ ସାଙ୍ଗ ଦୁଇଟିକୁ ଶଗଡ଼ରେ ଯୋଚି ପାହାଡ଼ ତଳେ ଗୀତ ବୋଲି ବୋଲି ଚାଲିଯାଏ । ଲୋକେ କୁହନ୍ତି ମାଗୁଣୀ ସେମାନଙ୍କର ଗୋଟାଏ ଘଣ୍ଟା । ବର୍ଷାଦିନେ ବର୍ଷା ଘୁଞ୍ଚିଯାଇପାରେ, ଖରାଦିନେ ଖରାତାତି ଊଣା ହୋଇପାରେ; କିନ୍ତୁ ମାଗୁଣୀର ଶଗଡ଼ ଦିନେହେଲେ ବନ୍ଦ ହୁଏନାହିଁ । ସେ କହେ ରଜାଘରେ ଯୋଡ଼ା ଯୋଡ଼ା ମୋଟରକାର ଅଛି ସତ; କିନ୍ତୁ ତା' ପରି ଇଞ୍ଜିନିୟର ନାହାନ୍ତି ।

ତା' ଶଗଡ଼ ରଜାଘର ମୋଟରଠୁଁ ବଳେ । ବାରବର୍ଷ ଅତି ପରିଚିତ ସାଥୀ କାଳିଆ ଓ କଷରା ବଳଦ ଉପରେ ସେ ହାତ ମାରି ଆଉଁସିଦେଲେ ତା' ଗାଡ଼ିରେ ପମ୍ପ ଦିଆହୁଏ । ଯେତେବେଳେ ସେ ଶଗଡ଼ ଉପରେ ହସି ଗୀତ ପଦେ ବୋଲିଦିଏ, “ରାମ ଯେ ଲକ୍ଷ୍ମଣ ଗଲେ ମୃଗ ମାରି” ତା' ର ମୋଟର ଚାଲେ । ସେତେବେଳେ ଶ୍ୟାମଳ ତରୁ ପତ୍ରତଳେ, ଗିରି କନ୍ଦରା ଭିତରେ ପ୍ରତିଧ୍ୱନି ଉଠେ । ଅର୍ଦ୍ଧସୁପ୍ତ କୁକ୍କୁଟ କୁମ୍ଭାଟୁଆ ତାକୁ ଉତ୍ତର ଦିଅନ୍ତି । ପଲ୍ଲୀର ବୁଲାକୁକୁରଦଳ ଚମକି ଉଠି ଗାଁରେ ଚହଳ ପକାଇ ଦିଅନ୍ତି । ଘଡ଼ଘଡ଼ ଶବ୍ଦରେ ଶଗଡ଼ ଚାଲିଯାଏ ଷ୍ଟେସନ ଅଭିମୁଖେ ।

ପଚାଶ ବର୍ଷର ମାଗୁଣୀ ବାରବର୍ଷର ସାଥୀ ବଳଦଙ୍କୁ ଧରି ଯେତେବେଳେ ଭଡ଼ା ବୋହିଚାଲେ, ସତୁରି ଅଶୀବର୍ଷ ତଳର କାହାଣୀ ପରି ବହିଯାଏ । ସେ କହେ ଆଗ ତା' ନିଜ କଥା- ତା' ର କେବେ ବାପା ମା' ଥିଲେ, ସେ କେବେ ସୁଖରେ ବଡ଼ି ଖଟରେ ଶୋଉଥିଲା, ସେ କେବେ ଘରେ ବସି ଦୁଇଓଳି ପେଟପୂରାଇ ଖାଉଥିଲା; ଆଉ ଜଣଙ୍କର ମଧୁର

ମିଳନରେ ପୁଣି ଜୀବନର ସକଳ ଦୁଃଖ ଭୁଲିଯାଇଥିଲା । ସେ ଗଢ଼ିଥିଲା ଗୋଟାଏ ସ୍ୱପ୍ନ-ରାଜ୍ୟ । ସେ ରାଜ୍ୟର ସେ ଥିଲା ରାଜା । ରାଣୀ କରି ଯାହାକୁ ଆଣିଥିଲା, ଜୀବନଟାକୁ ସେ ହସାଇ ହସାଇ ନଚାଉଥିଲା । ତା' ର ଅଧର ତଳେ ସେ ଅମୃତ ପିଉଥିଲା; ତା' ର ଚାହାଣି ଭିତରେ ସେ ଜଗତ୍ ଦେଖୁଥିଲା; ତା' ର ନିଃଶ୍ୱାସରେ ସେ ସୁବାସ ବାରୁଥିଲା ଓ ତା' ର ପାଦ ତଳେ ସେ ଫୁଲ ଫୁଟିବାର ଦେଖୁଥିଲା । କିନ୍ତୁ ସେ ସ୍ୱପ୍ନ ତା' ର ବେଶୀ ଦିନ ରହିଲା ନାହିଁ । ସ୍ୱପ୍ନମୟୀ ହସି ହସି ଚାଲିଗଲା ଏ ସଂସାରର ସେ ପାଖକୁ । ଏ ପାଖେ ଦୁଇଟି ବଳଦ ଘେନି ଗାଁରୁ ଷ୍ଟେସନକୁ ଓ ଷ୍ଟେସନରୁ ଗାଁକୁ ଦିନକେ ଦୁଇଥର ଯାଇ ତାକୁ ଆରଜନ୍ମରେ ଭେଟିବାକୁ ଚେଷ୍ଟା କରୁଥିଲା ।

ଶଗଡ଼ ବାହିଲାବେଳେ ଏ କଥା ସେ ସମସ୍ତଙ୍କୁ ଶୁଣାଇ କନ୍ଦାଇ ପକାଏ । ନିଜେ ଦୁଇଟୋପା ଲୁହ ନିଜର ଚିରାକାନିରେ ପୋଛିଦେଇ ବଳଦ ଉପରେ ହାତମାରି ପୁଣି କହେ ଆଉ ଗୋଟାଏ ଗଳ୍ପ । ଲୋକଙ୍କ ବାଟ ସରିଯାଏ; କିନ୍ତୁ ତା' ର ଗଳ୍ପ ସରେନାହିଁ । ସେ କହେ, ତା' ଶଗଡ଼ରେ ନ ବସିଛି କିଏ ? ବସି ନଥିଲେ ବସି ନଥିବେ ଖଲିକୋଟର ରଜା । କିନ୍ତୁ ଦେବାନ୍ କହ, ମ୍ୟାନେଜର କହ, ଓକିଲ କହ, ମହାଜନ କହ, ଏପରିକି ମହାତ୍ମାଙ୍କ ଭକ୍ତ ପର୍ଯ୍ୟନ୍ତ କହ, ସମସ୍ତେ ବସିଛନ୍ତି ତା ଶଗଡ଼ରେ । ଏସବୁ କଥା କହିଲା ବେଳେ ସେ ଏଡ଼େ ଉତ୍ସାହରେ କହେ ଯେ, ବେଳେବେଳେ ବଳଦ ଦୁଇଟା ଠିଆ ହୋଇଗଲେ ମଧ୍ୟ ସେମାନଙ୍କୁ ଅଡ଼ାଏ ନାହିଁ । ଜାଣିପାରିଲେ କହେ, ଏ ପଶୁଗୁଡ଼ାକ ମଧ୍ୟ ଏକଥା ଶୁଣିବାକୁ କାନଉଛନ୍ତି ।

ମାଗୁଣୀର ଶଗଡ଼ ଓ ବଳଦ ଖଲିକୋଟର ଗୋଟାଏ ବିରାଟ ଇତିହାସ ନ ହେଲେ ମଧ୍ୟ ସେ ଇତିହାସର କେତେଟା ପୃଷ୍ଠା । ସେ ଇତିହାସ କହେ, ଏ ଶଗଡ଼ ରାଜ୍ୟର ସମଷ୍ଟିଙ୍କି ଚିହ୍ନିଛି । କେତେ ବାଳବିଧବା ଏହାରି ଉପରେ ବସି ଶାଶୂଘରୁ ବାପଘରକୁ ଫେରିଛନ୍ତି । କେତେ ସୁହାସିନୀ କୁଳବଧୂ ବାପଘରୁ ଶାଶୂଘରକୁ ମଧ୍ୟ ଯାଇଛନ୍ତି । ଖଜଣାଗଣ୍ଡାକ ଦେଇ ନପାରି ଯେଉଁଦିନ ମଣ୍ଡଳ ଗାଁର ଗଦା ରାଉଳ ଜେଲ୍ ଗଲା, ସେଇଦିନ ତା' ଘରର ଛାଞ୍ଚୁଣୀମୁଣ୍ଡା ଆଦି ଏଇ ଶଗଡ଼ରେ ବୁହାହୋଇ ଆସି ରଜାଘର କଚିରି ଦୁଆରେ ଜମାହୋଇଥିଲା । ଯେଉଁଦିନ ବେନ୍ଦାଳିଆ ଗାଆଁର ମଧୁ ରଥେ ନରହତ୍ୟା ଅପରାଧରେ ଧରାହେଲେ, ସେଦିନ ସେ ଏଇ ଗାଡ଼ିରେ ବସି ଯାଇଥିଲେ । ଏଇ ଗାଡ଼ିରେ ବସି ଓକିଲ ଆସି ରଜାଘର ପକ୍ଷ ନେଇଛନ୍ତି । ଏଇ ଗାଡ଼ିରେ ରଇତ ନେତାଏ ହାତକଡ଼ା ପଡ଼ି କଚିରିକି ଯାଇଛନ୍ତି । ଏଇ ଗାଡ଼ି ସୁଖ ଦେଖିଛି; ଦୁଃଖ ଦେଖିଛି । ଲୁହ ବୋହି ଏଇ ଗାଡ଼ିର ଶୁଖିଲା ପାଳର ଗଦି ଓଦା ହୋଇଯାଇଛି; ହସରୋଳରେ ଏଇ ଗାଡ଼ି କେତେ କମ୍ପିଛି ।

ଏଇ ସବୁ କଥା କହି ମାଗୁଣୀ ଯେତେବେଳେ ଗାଡ଼ି ଚଳାଏ, ମନେହୁଏ ମାଗୁଣୀ ଗୋଟାଏ ଜୀବନ୍ତ ଇତିହାସ । ଏପରି ଦଶ ପାଞ୍ଚଟା ଇତିହାସକୁ ଏକାଠି କଲେ ଓଡ଼ିଶାରେ ଗୋଟାଏ କୋଣାର୍କ ତିଆରି ହୁଅନ୍ତା ।

ଦିନେ ମାଗୁଣୀ ଶୁଣିଲା, ତା ଗାଡ଼ିରେ ଆଉ ଲୋକେ ବସିବେ ନାହିଁ; କାରଣ ସିଂହଘର ଗୋଟାଏ ମୋଟର ବସ୍ ଆଣୁଛନ୍ତି । ଶୁଣିଲା ମାତ୍ରେ ସେ ହସି ହସି ଆକାଶ ଫଟାଇଦେଲା । କହିଲା- "ମୋଟର ବାସ୍ !" ତା କ' ଣ ମୋ କାଳିଆ-କଶରାକୁ ଟପିଯିବ ? ଭଲ କରି ଆହାର ଦେଇ ଯେତେବେଳେ ହାତ ମାରିଦେବି, ଲୋକେ କ' ଣ ମୋ ଗାଡ଼ି ଛାଡ଼ି ସେ ଗାଡ଼ିକି ଯିବେ ? ତା' ର ଏକଥା ଶୁଣି ସମସ୍ତେ ହସିଲେ ସତ; ମାତ୍ର ସେ ଖାତିର କଲାନାହିଁ । ଦୁଇଚାରି ଦିନ ଗଲା । ଦେଖୁ ଦେଖୁ ଗଡ଼ରେ ମୋଟର ବାସ୍ ପହଞ୍ଚିଲା । ଲୋକେ କହିଲେ, "ଏଥର ମାଗୁଣୀର ବ୍ୟବସାୟ ବୁଡ଼ିଲା । ଏକାବେଳକେ କୋଡ଼ିଏ ଜଣଙ୍କୁ ଧରି ଘଣ୍ଟାକେ ଯେ ଚାଳିଶ ମାଇଲ ଯିବ, ମାଗୁଣୀ କି ତାକୁ ବଳିଯିବ ?"

କଥା ସତ । ଦୈତ୍ୟଦାନବ ପରି ଗଡ଼ରେ ମୋଟର ବାସ୍‌ଟାକୁ ଦେଖି ମାଗୁଣୀର ମନରେ ଛନକା ପଶିଗଲା । ସେ କାନ୍ଦିପାରିଲା ନାହିଁ ସତ; କିନ୍ତୁ କାନ୍ଦ-କାନ୍ଦ ହୋଇ ଭାବିଲା, ସେଦିନ ଯାଇଥିଲି କୋଦଳା ସଭାକୁ । କିଏ କହୁଥିଲେ, କଳ ଜିନିଷଠୁଁ ହାତ ଜିନିଷ ଭଲ । ତା' ହେଲେ ମୋଟର କଳଠୁଁ କଣ ମୋ ଶଗଡ଼ ଭଲ ନୁହେଁ ? ଏତେ ଲୋକ ସଭାରେ ବସି

ଶୁଣୁଥିଲେ, ସେମାନେ କଣ ମୋ ଦୁଃଖ ବୁଝିବେ ନାହିଁ ? କର୍ମୀ ନ ବୁଝିଲେ ଯିବି ଗାନ୍ଧୀଙ୍କ ପାଖକୁ । ଦରିଦ୍ରର ସାଥୀ ସେ, ଗରିବଙ୍କ ବନ୍ଧୁ ସେ; କଣ କହିବେ- ମାଗୁଣୀ ମରିଯାଉ, ଆଉ, ଏ ସିଂହେ ବଞ୍ଚନ୍ତୁ?

ଷ୍ଟେସନରୁ ଗଡ଼କୁ ସିଂହଙ୍କ ବାସ୍ ଚାଲିଲା । ମାଗୁଣୀର ଶଗଡ଼ ମଧ୍ୟ ଚାଲିଲା; କିନ୍ତୁ ବାସ୍ ପୂର୍ଣ୍ଣ, ଶଗଡ଼ ଖାଲି । ମାଗୁଣୀ ଯେତେ ଆଗରୁ ରାତିଅଧରୁ ଷ୍ଟେସନରେ ଶଗଡ଼ ହାଜର କଲେ ମଧ୍ୟ ଲୋକେ ଗଲେ ବାସ୍‌ରେ । ଯେତେ ନୂଆ ଅଖାର ଗଦି ପକାଇଲେ ମଧ୍ୟ ଲୋକେ ଧାଇଁଲେ ବାସ୍ ମୁହଁକୁ । ଯେତେ ହାତ ଧରି ଡାକିଲେ ମଧ୍ୟ ଲୋକେ ଚାହିଁଲେ ବାସ୍ ଆଡ଼କୁ । ଦିନେ ଗଲା, ଦୁଇଦିନ ଗଲା । ସେ ଦୁଇଓଳି ଖାଇକରି ଆସୁଥିଲା; ଓଳିଏ ଖାଇ ଅଇଲା । ସେ ଭାତ ଖାଇ ଆସୁଥିଲା; ତୋରାଣି ପିଇ ଆସିଲା । ସେ ଦୁଇ ଓଳିରେ ଥରେ ପିଇ ଆସୁଥିଲା, କ୍ରମେ ତିନିଓଳି ଚୁଲି ଲାଗିଲା ନାହିଁ । କାଳିଆ-କଶରାଙ୍କ ଛାତିହାଡ଼ ଦିଶିଲା । ସେମାନଙ୍କୁ ଧରି ସେ ଯେତେବେଳେ କାନ୍ଦିଲା-କିଏ କହିଲା ପାଗଳ, କିଏ କହିଲା ବାୟା ।

ତା ' ପରେ ଯେଉଁଦିନ ମାଗୁଣୀର କୁଡ଼ିଆ ଦୁଆର ଭାଙ୍ଗି ଗାଁଲୋକେ ତା ଶବ କାଢ଼ିଲେ, ଦେଖିଲେ ଛିଣ୍ଡା କତରା ତଳେ ପାଞ୍ଚଣ ବାଡ଼ିଖଣ୍ଡିକ ଶୁଆଇଦେଇ ମାଗୁଣୀ ଆଖି ବୁଜିଦେଇଛି । ମଶାଣିରେ ନିଆଁ ଜଳିଲା, ଆକାଶରେ ପକ୍ଷୀ ଉଡ଼ି ଧୂଆଁ ପାରହେଲେ, ଖଲିକୋଟର ଦୁଇଲକ୍ଷ ଲୋକ ସେ ଖବର ପାଇ ଦୁଃଖରେ କହିଲେ - "ଆହା ! ମାଗୁଣୀ ଚାଲିଗଲା!"